ହରିୟାଣା ରାଜ୍ୟ

*ବନାମ*

ଡା. ଏ. କେ. ସିହ୍ନା

ଫେବୃଆରୀ 20, 1997

[କେ. ରାମାସ୍ୱାମୀ ଏବଂ ଏସ୍. ସାଘିର ଅହମ୍ମଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ପ୍ରସଙ୍ଗ:*

*ଅଖିଳ ଭାରତୀୟ ସେବା (ସେବା ଅବଶିଷ୍ଟାଂଶ ପ୍ରସଙ୍ଗର ସର୍ତ୍ତାବଳୀ) ନିୟମ, 1960:*

*ନିୟମ 2(b) - Ph.D. ଡିଗ୍ରୀ ହାସଲ କରିବା ଉପରେ ଅଗ୍ରୀମ ବର୍ଦ୍ଧିତ ବେତନ ରାଶି - IAS ର ସଦସ୍ୟ - ରାଜ୍ୟ ପାହ୍ୟାକୁ ଆବଣ୍ଟିତ - ସେବା ସମୟରେ Ph.D. ଡିଗ୍ରୀ ହାସଲ କରିବା - ଚାରୋଟି ଅଗ୍ରୀମ ବର୍ଦ୍ଧିତ ବେତନ ରାଶି ପାଇଁ ଦାବି - ନିର୍ଣ୍ଣୟ କରାଯାଇଥିଲା, ଗ୍ରହଣୀୟ ନୁହେଁ - କେନ୍ଦ୍ର ସରକାରଙ୍କ ଦ୍ୱାରା କୌଣସି ସହମତି ଏବଂ ସେହି ପକ୍ଷରୁ ରାଜ୍ୟ ସରକାରଙ୍କୁ ଅଖିଳ ଭାରତୀୟ ସେବା ପାହ୍ୟାରେ କର୍ମଚାରୀଙ୍କୁ ପ୍ରୋତ୍ସାହନ ମଞ୍ଜୁର କରିବାକୁ ଅନୁମତି ଦେଉଥିବା ଏକ ସ୍ପଷ୍ଟ ଆଦେଶର ଅନୁପସ୍ଥିତିରେ, ରାଜ୍ୟ ସେବା ଦ୍ୱାରା ପରିଚାଳିତ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା ପ୍ରୋତ୍ସାହନ ଲାଗୁ ହୁଏ ନାହିଁ, ଏବଂ ସେଥିପାଇଁ, ଜଣେ I.A.S. ଥିବା ଉତ୍ତରଦାତା ତାଙ୍କ Ph.D. ଡିଗ୍ରୀ ହାସଲ କରିବା ଦ୍ୱାରା ଆପେଆପେ ଚାରିଟି ବର୍ଦ୍ଧିତ ବେତନ ରାଶି ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ନୁହଁନ୍ତି ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 11411/1983 ।

C.W.P. ସଂଖ୍ୟା 5173/1981 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 11.3.82 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ପ୍ରେମ ମାଲହୋତ୍ରାଙ୍କ ପାଇଁ ବି. ଏସ୍. ଚହର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

CWP ସଂଖ୍ୟା 5173/81 ରେ 11 ମାର୍ଚ୍ଚ, 1982 ତାରିଖରେ କରାଯାଇଥିବା ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ରାୟରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି ।

ଜଣେ IAS ଥିବା ଉତ୍ତରଦାତା, ଯିଏକି ହରିୟାଣା କ୍ୟାଡରରେ ନିଯୁକ୍ତ ହୋଇଥିଲେ, ସେ ଚାକିରିରେ ଥିବାବେଳେ 1979 ମସିହାରେ Ph.D. ଡିଗ୍ରୀ ହାସଲ କରିଥିଲେ । ତାଙ୍କ ଡକ୍ଟରେଟ୍ ଡିଗ୍ରୀ ହାସଲ କରିବା ପାଇଁ ତାଙ୍କୁ ଚାରୋଟି ଅଗ୍ରୀମ ବର୍ଦ୍ଧିତ ବେତନ ରାଶି ମଞ୍ଜୁର କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ରାଜ୍ୟ ଏହାର ଆଦେଶ ଦ୍ୱାରା ପୂର୍ବରୁ ଏପରି ପ୍ରତିକାରର ମଞ୍ଜୁରକୁ ପ୍ରତ୍ୟାଖ୍ୟାନ କରିଥିଲା । ଫଳସ୍ୱରୂପ, ସେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ସେହି ଉଚ୍ଚ ନ୍ୟାୟାଳୟର ଜଣେ ବିଦ୍ୱାନ ଏକକ ବିଚାରପତିଙ୍କ ରାୟକୁ ଅନୁସରଣ କରି, ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ରାଜ୍ୟ ସରକାରଙ୍କୁ ଏହି ପରିପ୍ରେକ୍ଷୀରେ ଅଗ୍ରୀମ ବର୍ଦ୍ଧିତ ବେତନ ରାଶି ମଞ୍ଜୁର କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ଯେ, ଯେପରି ପ୍ରାର୍ଥନା କରାଯାଇଥିଲା, ସର୍ବଭାରତୀୟ ସେବା (ସେବା ଅବଶେଷ ବିଷୟର ସର୍ତ୍ତାବଳୀ) ନିୟମ, 1960 (ସଂକ୍ଷେପରେ, 'ନିୟମ') ର ନିୟମ 2(b) ରେ ଏପରି ପ୍ରୋତ୍ସାହନ ପ୍ରଦାନକୁ ନିଷିଦ୍ଧ କରୁଥିବା କୌଣସି ବିପରୀତ ନିୟମ ପାଇଁ ବ୍ୟବସ୍ଥା କରାଯାଇ ନାହିଁ । ଫଳସ୍ୱରୂପ, ହରିୟାଣା ରାଜ୍ୟର II ଏବଂ III ଶ୍ରେଣୀ କର୍ମଚାରୀଙ୍କ ପାଇଁ ଅଗ୍ରୀମ ବର୍ଦ୍ଧିତ ରାଶିର ପ୍ରୋତ୍ସାହନକୁ ମଞ୍ଜୁର କରୁଥିବା 23 ଅକ୍ଟୋବର, 1978 ତାରିଖର ସରକାରଙ୍କ ଆଦେଶଗୁଡ଼ିକର ଦୃଷ୍ଟି ଆକର୍ଷଣ କରାଯାଇପାରେ । ତେଣୁ, ଉତ୍ତରଦାତା ସମାନ ସୁବିଧା ପାଇବାକୁ ହକଦାର ଅଟନ୍ତି । ଏହି ଅଦାଲତ ଅନୁମତି ପ୍ରଦାନ କରିଛନ୍ତି ଏବଂ ଉତ୍ତରଦାତାଙ୍କୁ ବିଜ୍ଞପ୍ତି ଜାରି କରିଛନ୍ତି । ଉତ୍ତରଦାତା ଚାକିରିରୁ ଅବସର ଗ୍ରହଣ କରିଛନ୍ତି ବୋଲି ଏକ ପୃଷ୍ଠାଙ୍କନ ସହିତ ବିଜ୍ଞପ୍ତି ଫେରସ୍ତ କରାଯାଇଥିଲା । ସେ ଉପସ୍ଥିତ ନାହାନ୍ତି । ପ୍ରଶ୍ନ ହେଉଛି ଯେ, ଏକ ରାଜ୍ୟର ପାହ୍ୟାରେ ନିଯୁକ୍ତ ହୋଇଥିବା ଜଣେ IAS ଅଧିକାରୀ ରାଜ୍ୟ ସେବାର II ଏବଂ III ଶ୍ରେଣୀ ଅଧିକାରୀ ଏବଂ ଏପରିକି I ଶ୍ରେଣୀ କର୍ମଚାରୀଙ୍କୁ ମଞ୍ଜୁର ହୋଇଥିବା ପ୍ରୋତ୍ସାହନ ଆଧାରରେ ଅଗ୍ରୀମ ବର୍ଦ୍ଧିତ ବେତନ ରାଶି ପାଇବାକୁ ହକଦାର କି ଏବଂ ନିୟମର, ବିଶେଷ କରି ନିୟମ 2(b) ଦ୍ୱାରା ପରିଚାଳିତ IAS ଅଧିକାରୀମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ କି । ନିୟମ 2(b) ନିମ୍ନରେ ପ୍ରଦାନ କରାଗଲା:

> "ଅବଶିଷ୍ଟ ପ୍ରସଙ୍ଗ ଗୁଡ଼ିକ ପାଇଁ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା: ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହିତ ପରାମର୍ଶ କରିବା ପରେ କେନ୍ଦ୍ର ସରକାର, ସର୍ବଭାରତୀୟ ସେବାରେ ନିଯୁକ୍ତ ବ୍ୟକ୍ତିଙ୍କ ସେବା ସର୍ତ୍ତାବଳୀ ସମ୍ବନ୍ଧୀୟ ପ୍ରସଙ୍ଗରେ ନିୟନ୍ତ୍ରଣ ପାଇଁ ନିୟମାବଳୀ ପ୍ରସ୍ତୁତ କରିପାରିବେ ଯାହା ପାଇଁ ସର୍ବଭାରତୀୟ ସେବା ଅଧିନିୟମ, 1951 (61/1951) ଅନୁଯାୟୀ କରାଯାଇଥିବା କିମ୍ବା କରାଯାଇଥିବା ବୋଲି ବିବେଚନା

କରାଯାଉଥିବା ନିୟମରେ କୌଣସି ବ୍ୟବସ୍ଥା ନାହିଁ ଏବଂ ଉକ୍ତ ନିୟମାବଳୀ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ଏହିପରି ବିଷୟଗୁଡିକ ନିୟନ୍ତ୍ରିତ ହେବ:

(a) XXXXXXXX

(b) ରାଜ୍ୟ ବ୍ୟାପାର ସମ୍ବନ୍ଧରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ, ରାଜ୍ୟ ଲୋକସେବା I ଶ୍ରେଣୀର ଅଧିକାରୀମାନଙ୍କ ପାଇଁ ପ୍ରଯୁଜ୍ୟ ନିୟମ, ନିୟମାବଳୀ ଏବଂ ଆଦେଶ ଦ୍ୱାରା, କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରିବା ପରେ, ଲିଖିତ ଆଦେଶ ଦ୍ୱାରା ଯେଉଁ ବ୍ୟତିକ୍ରମ ଏବଂ ପରିବର୍ତ୍ତନ କରିପାରିବେ, ତାହାର ବଶବର୍ତ୍ତୀ ରହି ଏହା କରିପାରିବେ ।"

ଏହାର ଏକ ପଠନ ସ୍ପଷ୍ଟ ଭାବରେ ସୂଚିତ କରିବ ଯେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରିବା ପରେ, କେନ୍ଦ୍ର ସରକାର ସର୍ବଭାରତୀୟ ସେବାରେ ନିଯୁକ୍ତ ବ୍ୟକ୍ତିଙ୍କ ସେବା ସର୍ତ୍ତାବଳୀ ସମ୍ବନ୍ଧୀୟ ପ୍ରସଙ୍ଗରେ ନିୟନ୍ତ୍ରଣ ପାଇଁ ନିୟମାବଳୀ ପ୍ରସ୍ତୁତ କରିପାରିବେ, ଯେଉଁଥି ପାଇଁ ଉକ୍ତ ନିୟମାବଳୀ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ସର୍ବଭାରତୀୟ ସେବା ଅଧିନିୟମ, 1951 ଅନୁଯାୟୀ କରାଯାଇଥିବା କିମ୍ବା କରାଯାଇଥିବା ବୋଲି ବିବେଚନା କରାଯାଉଥିବା ନିୟମାବଳୀରେ କୌଣସି ବ୍ୟବସ୍ଥା ନାହିଁ ଏବଂ ଏହିପରି ପ୍ରସଙ୍ଗ ଗୁଡିକ ନିୟନ୍ତ୍ରିତ ହେବ । ରାଜ୍ୟ ବ୍ୟାପାର ସମ୍ବନ୍ଧରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ, ଅଧିକାରୀମାନଙ୍କ ପାଇଁ ପ୍ରଯୁଜ୍ୟ ନିୟମ, ନିୟମାବଳୀ ଏବଂ ଆଦେଶ ଦ୍ୱାରା, କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରିବା ପରେ ଲିଖିତ ଆଦେଶ ଦ୍ୱାରା ବ୍ୟତିକ୍ରମ ଏବଂ ପରିବର୍ତ୍ତନ କରିପାରିବେ । କେନ୍ଦ୍ର ସରକାରଙ୍କ ଦ୍ୱାରା କୌଣସି ସହମତି ଏବଂ ସେହି ପକ୍ଷରୁ ରାଜ୍ୟ ସରକାରଙ୍କୁ ଅଖିଳ ଭାରତୀୟ ସେବା ପାହ୍ୟାରେ କର୍ମଚାରୀଙ୍କୁ ପ୍ରୋତ୍ସାହନ ମଞ୍ଜୁର କରିବାକୁ ଅନୁମତି ଦେଉଥିବା ଏକ ସ୍ପଷ୍ଟ ଆଦେଶର ଅନୁପସ୍ଥିତିରେ, ରାଜ୍ୟ ସେବା ଦ୍ୱାରା ପରିଚାଳିତ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା ପ୍ରୋତ୍ସାହନ ଲାଗୁ ହୁଏ ନାହିଁ, ଏବଂ ସେଥିପାଇଁ, ଜଣେ I.A.S. ଥିବା ଉତ୍ତରଦାତା ତାଙ୍କ Ph.D. ଡିଗ୍ରୀ ହାସଲ କରିବା ଦ୍ୱାରା ଆପେଆପେ ଚାରିଟି ବର୍ଦ୍ଧିତ ବେତନ ରାଶି ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ନୁହଁନ୍ତି ।

ତଦନୁସାରେ, ଅପିଲଟିକୁ ମଞ୍ଜୁର ପ୍ରଦାନ କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ରଦ୍ଦ କରି ଦିଆଯାଇଛି । ସେହି ରାୟରେ ଅନୁସରଣ କରାଯାଇଥିବା ବିଦ୍ୱାନ ଏକକ ବିଚାରପତିଙ୍କ ରାୟକୁ ଓଲଟାଇ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲକୁ ମଞ୍ଜୁର ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ